# ମନେ ପଡ଼ନ୍ତି ବାପା: ପୁଣ୍ୟଶ୍ଳୋକ କାହ୍ନୁ ଚରଣ ପଟ୍ଟନାୟକ

ମୋ ଜନ୍ମଭୂମି ତିଗିରିଆରେ ମୋତେ ବେଶୀ କେହି ଜାଣନ୍ତି ନାହିଁ । ମୋତେ ଜାଣିଥିବା ଏପରି କେହି ନାହାନ୍ତି ଯେ ମୋତେ ଭଲ ନ ପାଆନ୍ତି । କିନ୍ତୁ କେବଳ ମୋ ସାଙ୍ଗସାଥୀମାନଙ୍କୁ ଛାଡ଼ିଦେଲେ, ସେମାନଙ୍କ ପାଖରେ ମୋର ପରିଚୟ ସୁଭାଷ ଚନ୍ଦ୍ର ପଟ୍ଟନାୟକ ନୁହଁ , ମୋ ପରିଚୟ ହେଲା କାହ୍ନୁବାବୁଙ୍କ ପୁଅ । କେହି କେହି ଅବଶ୍ୟ ନାଥବାବୁଙ୍କ ପୁଅ ଓ କେହି କେହି ରାଉତରାୟ ପଟ୍ଟନାୟକଙ୍କ ନାତି ବୋଲି କହିଥାନ୍ତି, କିନ୍ତୁ, କାହ୍ନୁବାବୁଙ୍କ ପୁଅଭାବେ ମୋ ଜନ୍ମଭୂମିରେ ମୁଁ ମୁଖ୍ୟତଃ ପରିଚିତ ।

ମୋ ବୋଉ ଆଶାମଣି ଓ ବାପା ନିଶାନାଥଙ୍କ ବଡ଼ପୁଅ ଭାବେ ମୁଁ ତିଗିରିଆରେ ଭୂମିଷ୍ଠ ହୋଇଥିଲି ପୁଣ୍ୟଶ୍ଳୋକ ଜଗବନ୍ଧୁ ରାଉତରାୟ ପଟ୍ଟନାୟକଙ୍କ ନାତିଭାବେ । ସେ ଥିଲେ ତିଗିରିଆ ଗଡ଼ଜାତର ଶେଷ ରାଉତରାୟ । ତାଙ୍କ ତିରୋଧାନ ଓ ତିଗିରିଆ ତୁଙ୍ଗବଂଶର ଶେଷ ନୃପତି କ୍ଷତ୍ରୀୟ ବୀରବର ବନମାଳୀ ତୁଙ୍ଗ ଚମୂପତି ସିଂହ ମହାପାତ୍ରଙ୍କ ଜୀବନାବସାନ ପ୍ରାୟ ସମାନ ସମୟରେ ଘଟିଥିଲା । ବିଲାତି ସରକାର ସହ ଅନାକ୍ରମଣ ଚୁକ୍ତି ସଂପାଦନ କରି ଓଡ଼ିଶାର ସବୁ ରାଜାଙ୍କ ପରି ବନମାଳୀ ମଧ୍ୟ ନିଜର ସେନାବାହିନୀକୁ ଭାଙ୍ଗି ଦେଇଥିଲେ ଓ ବିଲାତି ସରକାର ଯୋଗାଇଦେଇଥିବା ପୋଲିସ ଉପରେ ନିର୍ଭରଶୀଳ ହୋଇଥିଲେ । ବେବର୍ତ୍ତା ଓ ରାଉତରାୟ - ଉଭୟ ପଦବୀ ଉଠିଗଲା, ଦେୱାନ ଓ ଦାରୋଗା ପଦବୀ ତହିଁର ସ୍ଥାନ ନେଲା । ଅରାଜକତା ବଢ଼ିଲା, ପ୍ରଜାମଣ୍ଡଳ ଲଢ଼ିଲା, ରଜା ଗାଦି ଛାଡ଼ିବାକୁ ବାଧ୍ୟ ହେଲେ ।

ତଥାପି ମୁଁ ଯେତେବେଳେ ବିଭିନ୍ନ ଗାଁକୁ ଯାଉଥିଲି, ବଞ୍ଚିଥିବା ପୁରୁଣା ବୟସ୍କମାନେ ମୋତେ ରାଉତରାୟ ପଟ୍ଟନାୟକଙ୍କ ନାତି ବୋଲି କହୁଥିଲେ । ମୋର ଜନ୍ମଦାତା ନିଶାନାଥ ପଟ୍ଟନାୟକ ଥିଲେ କୃଷିକାର୍ଯ୍ୟରେ ଅତ୍ୟନ୍ତ ପାରଙ୍ଗମ । ତିଗିରିଆର ପ୍ରାୟ ସବୁ ଗାଁରେ ଆମର ଜମିଥିଲା ଓ ସେସବୁକୁ ରଇତମାନେ ଚାଷ କରୁଥିଲେ । ଏବେ ଆଉ ନାହିଁ । ବିକ୍ରି ସରିଲାଣି । କିନ୍ତୁ ମୋ ପିଲାଦିନେ , ମୋ ବାପା ନିଶାନାଥ ସେ ସମସ୍ତର ଯତ୍ନ ନେଉଥିଲେ । ନାଥବାବୁ ଭାବେ ସେ ସେହିସବୁ ଗାଁରେ ପରିଚିତ ଥିଲେ ।

ତାଙ୍କ ବଡ଼ଭାଇ କାହ୍ନୁଚରଣ ପଟ୍ଟନାୟକ, ସ୍ୱାଭିମାନୀ ଓଡ଼ିଆର ଏକ ଅନନ୍ୟ ରୂପକଳ୍ପ । ସାରା ତିଗିରିଆ ତାଙ୍କୁ କାହ୍ନୁବାବୁ ଭାବେ ଜାଣିଥିଲା, ସମ୍ମାନ କରୁଥିଲା । ମୋ ଜନ୍ମରୁ ସେ ମୋତେ ପୁଅକରିନେଇଥିଲେ । ତାହା ବି ତିଗିରିଆ ଜାଣିଥିଲା । ତେଣୁ ସାରା ତିଗିରିଆରେ ମୁଁ କାହ୍ନୁବାବୁଙ୍କ ପୁଅଭାବେ ପରିଚିତ ହୋଇରହିଗଲି । ମୋର ସମସ୍ତ ବ୍ୟକ୍ତିଗତ ବୈଶିଷ୍ଟ୍ୟ ସତ୍ତ୍ୱେ ମୁଁ ସୁଭାଷ ଚନ୍ଦ୍ର ପଟ୍ଟନାୟକ ହୋଇପାରିଲିନାହିଁ ସଂପୂର୍ଣ୍ଣତଃ । ଆଜି ଏହି ଦିନରେ ସେ ମୋତେ ଛାଡ଼ି ଚାଲିଗଲେ । ତାଙ୍କଠୁ ମୁଁ ଶିଖିଥିଲି, ଯାହାକୁ ଭଲପାଉଥିବ ତା'ଠୁ କିଛି ଆଶା କରିବନି । ତାହା ହିଁ ମୁଁ ସାଧ୍ୟମତେ ପାଳିଛି ।

ତିଗିରିଆ ଲୋକଙ୍କ ସ୍ୱାର୍ଥପାଇଁ ସଂଘର୍ଷରେ କୈଶୋରରୁ ଯୌବନ ବିତିଯାଇଛି ମୋର । କେବେ କାହାକୁ କିଛି ମାଗିନି । ଏପରିକି ନିର୍ବାଚନ ପାଇଁ ପ୍ରାର୍ଥୀ ହେଲାବେଳେ ଭୋଟ ବି ମାଗିନି ମୋ ଲୋକଙ୍କଠାରୁ । ଯିଏ ଯାହା ଦେଇଛି । ପ୍ରାର୍ଥୀ ଯଦି ହେଲ , ଭୋଟ କାହିଁକି ମାଗିବନି? - ଏକଥା କେହି କେହି କହିଛନ୍ତି, ଯେଉଁମାନଙ୍କ ମତରେ ମୁଁ ଜଣେ ଗର୍ବୀବ୍ୟକ୍ତି । ଗର୍ବ କ'ଣ ମୁଁ ଜାଣେନି । ଏତିକି ଜାଣେ ଯେ, ଲୋକଙ୍କପାଇଁ ସଂଘର୍ଷ କଲାବେଳେ ଯାହାଠୁ ସହଯୋଗ ମାଗିଛି, ତାହାଠୁ ନିର୍ବାଚନବେଳେ ଭୋଟ ମାଗିବା ଅନାବଶ୍ୟକ । ଯାହାକୁ ଭଲପାଏ, ଯାହାପାଇଁ ସଂଘର୍ଷ କରେ, ଜେଲ୍ ଯାଏ , ସେ ଯଦି ଜାଣେ ଯେ, ନିର୍ବାଚନରେ ମୁଁ ପ୍ରାର୍ଥୀ, ଅଥଚ ତାକୁ ଲାଗେ ଯେ ତାର ପ୍ରତିନିଧିତ୍ୱ କରିବାକୁ ମୁଁ ଅଯୋଗ୍ୟ, ମୁଁ କ'ଣ ତାକୁ ମୋର ଯୋଗ୍ୟତାର ପ୍ରମାଣ ଦେବି? କାହିଁକି ଦେବି , କ'ଣ ମୋର ସ୍ୱାର୍ଥ? ଏହି ପ୍ରଶ୍ନ ମୋ ରାଜନୀତିକ ଅତୀତରେ ମୋତେ ବିରତ କରିଥିଲା ନିଜ ପାଇଁ ଭୋଟ ମାଗିବାରୁ । ଏହା ମୋର ଗର୍ବ ନଥିଲା, ଥିଲା ସଂସ୍କାର । ସେ କହିଥିଲେ, ଉଦ୍ଦେଶ୍ୟ ରଖି କାହାକୁ ଭଲପାଇବା ଠିକ୍ ନୁହେଁ । ଦିନେ ମୁଁ ନିଜକୁ ନିଜେ ପଚାରିଲି, ଲୋକଙ୍କ ପାଇଁ ସରକାର ବିରୁଦ୍ଧରେ ମୋର ଲଢ଼େଇ ଉହାଡ଼ରେ ଲୁଚିରହିନାହିଁ ତ ନିର୍ବାଚନ ଜିତିବାର ଉଦ୍ଦେଶ୍ୟ ? ସେଦିନ ହିଁ ନିଷ୍ପତ୍ତି କଲି, ରାଜନୀତି ଛାଡ଼ିବି ଓ ଛାଡ଼ିଦେଲି । ମୁଁ ଯଦି ମୋ ଲୋକଙ୍କୁ ଭଲପାଏ, ଉଦ୍ଦେଶ୍ୟଗର୍ଭୀତ ରାଜନୀତି ପରିବର୍ତ୍ତେ ଉଦ୍ଦେଶ୍ୟରହିତ ଭିନ୍ନ କୌଣସି ମାଧ୍ୟମରେ ସେମାନଙ୍କ ପାଇଁ କାମ କରିପାରିବି - ଏହି ସିଦ୍ଧାନ୍ତ ଉପରେ । ସାମ୍ବାଦିକତା ଆପଣାଇ ମୁଁ ତାହା କରୁଛି ।

ବାପାଙ୍କ କଥା ମନେପଡ଼ିଲାବେଳେ ଏହି ସବୁ କଥା ମନେପଡୁଛି ଆଜି ।



୩୦ । ୧ । ୨୦୧୭